# ପିଲାଙ୍କ ଧରିତ୍ରୀ

ଶନିବାର, ୧୦ ସେପ୍ଟେମ୍ବର, ୨୦୨୨





୬ କହିଲ ଦେଖି

୭ ଜଣା ଅଜଣା



## ଖିଲି ଖିଲି ହସ

ମହେଶର ଦାନ୍ତ ବିନ୍ଧା ହେବାରୁ ସେ ଦାନ୍ତ ଡାକ୍ତରଙ୍କ ପାଖକୁ ଗଲା। ସେଠାରେ ଡାକ୍ତର ତାହାର ଦାନ୍ତ ଦେଖି କହିଲେ, ତୁମର ଗୋଟିଏ ଦାନ୍ତରେ ପୋକ ହୋଇଯାଇଛି।

**ମହେଶ:** କେତେ ଟଙ୍କା ଲାଗିବ ଗୋଟିଏ ଦାନ୍ତ ଉପାଡ଼ିବାକୁ?

**ଡାକ୍ତର:** ୫୦୦ଟଙ୍କା।

**ମହେଶ:** ସାର୍, ଆପଣ ଗୋଟିଏ କାମ କରନ୍ତୁ। ୫୦ଟଙ୍କା ନିଅନ୍ତୁ ଓ ମୋର ଦାନ୍ତକୁ ଟିକେ ଢିଲା କରିଦିଅନ୍ତୁ। ତା'ପରେ ମୁଁ ନିଜେ ମୋ' ଦାନ୍ତକୁ ଉପାଡ଼ିଦେବି।

ଟିଣ୍ଟୁକୁ ଜଣେ ବ୍ୟକ୍ତି ପଚାରିଲେ, ତୁମ ବାପାଙ୍କ ନାଁ କ'ଣ?

**ଟିଣ୍ଟୁ:** ମୁଁ ବାପାଙ୍କୁ ଶ୍ରଦ୍ଧାରେ ପାପା ଡାକୁଛି। ଆଉ କିଛି ନାଁ ତାଙ୍କର ମୁଁ ଦେଇନି।

ଟିକୁ ପାଠ ପଢୁଥିବା ସମୟରେ ମା'କୁ କହିଲା– ମା' ମୁଁ ପାଠ ପଢ଼ିବା ସମୟରେ ଟିକେ ଟିଭି ଦେଖିବି କି?

**ମା':** ହଉ, ଟିଭି ଦେଖେ ମନା ନାହିଁ; ହେଲେ ସୁଇଚ ଅନ୍ କରନା।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**

dharitrifeature@gmail.com

# ସଫଳତାର ଚାବିକାଠି

ଗପ

ବିନାୟକପୁର ନାମରେ ଗାଆଁଟିଏ। ସେଇ ଗାଆଁରେ ପ୍ରାୟ ୨୦୦ଲୋକ ବାସ କରନ୍ତି। ଗ୍ରାମଟି ଏତେ ବଡ଼ ନ ହେଲେ ବି ବିଭିନ୍ନ ଜାତିର ଲୋକ ଏକାଠି ରହନ୍ତି। ଲୋକମାନଙ୍କ ଭିତରେ ସୁସମ୍ପର୍କ ଓ ଏକତା ଖୁବ୍ ଟାଣ। ଏଇ ଭଲ ସମ୍ପର୍କ ଯୋଗୁ ଗାଁ ଲୋକେ କେବେ ଥାନା, କୋର୍ଟ କଚେରି ମାଟି ମାଡ଼ିନାହାନ୍ତି କି କୌଣସି ଘଟଣାରେ ନ୍ୟାୟ ବିଚାର ବସାଇ ନାହାନ୍ତି।

ଗାଆଁର ସବୁଠୁ ବୟସ୍କ ଲୋକଙ୍କୁ ମୁଖ୍ୟ ଭାବେ ସମସ୍ତେ ମାନିଥାନ୍ତି। ତାଙ୍କର ମୃତ୍ୟୁ ପରେ ପୁନଶ୍ଚ ଗାଆଁର ଜଣେ ବୟସ୍କ ବ୍ୟକ୍ତିଙ୍କୁ ମୁଖିଆ କରାଯାଏ। ଗାଆଁ ଆରମ୍ଭରେ ଶିବମନ୍ଦିର ଓ ପ୍ରାଥମିକ ବିଦ୍ୟାଳୟଟିଏ ରହିଛି। ସେହି ଗାଁରେ ରାମୁର ଘର। ପୁଅ କୃପାସିନ୍ଧୁ ଏଭଳି ଗାଁ ପରିବେଶରେ ପାଠ ପଢ଼ି ଓ.ଏ.ଏସ୍. ପାଇ ବଡ଼ ଚାକିରିଟିଏ କରିପାରିଛି। କିନ୍ତୁ ଏହି ସଫଳତା ପାଇବା ପାଇଁ କୃପାସିନ୍ଧୁଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଛି। ପ୍ରଥମେ ନିଜ ଗାଁ ପ୍ରାଥମିକ ସ୍କୁଲ, ପରେ ମାଇନର ଏବଂ ହାଇସ୍କୁଲରେ ପାଠପଢି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ କଲେଜରେ ନାଁ ଲେଖାଇଥିଲେ। ତା'ର ଭଲ ପାଠପଢା ଦେଖି ବାପା ରାମୁ ଭାବିଥିଲେ ତାଙ୍କ ପୁଅ ଡାକ୍ତର, ଇଞ୍ଜିନିୟର କିମ୍ବା କଲେକ୍ଟର ହେବ। କିନ୍ତୁ କୃପାସିନ୍ଧୁ ଓ.ଏ.ଏସ୍. ପରୀକ୍ଷା ଦେବାପାଇଁ କୋଚିଂ





ନେଉଥିଲେ। ଏହାପରେ ବାରମ୍ବାର ପରୀକ୍ଷା ଦେଇ ବି କୃତକାର୍ଯ୍ୟ ହେଉ ନ ଥିଲେ। ଏଣେ ଘରର ଆର୍ଥିକ ଅବସ୍ଥା ଯାହା ସେଥିରେ ପରୀକ୍ଷା ଖର୍ଚ୍ଚ ଦେବାପାଇଁ ତାଙ୍କ ବାପାଙ୍କୁ ବହୁ କଷ୍ଟ ହେଉଥାଏ। ଥରେ କୃପାସିନ୍ଧୁ ଭାରି ଚିନ୍ତାରେ ନିଜ ବାଡ଼ିରେ ବସିଥାଆନ୍ତି। ସେ ଦେଖିଲେ ଛୋଟ ଏଣ୍ଡୁଅଟିଏ ଗଛର ଡାଳକୁ ବାରମ୍ବାର ଚଢୁଥିଲେ ବି ଉପରକୁ ଉଠିପାରୁ ନ ଥାଏ। ଶେଷରେ ୪ ଥର ତଳକୁ ଖସିବା ପରେ ୫ମ ଥର ଗଛର ଡାଳକୁ ଚଢିବାରେ ସକ୍ଷମ ହୋଇଗଲା। ହଠାତ୍ କୃପାସିନ୍ଧୁଙ୍କର ସ୍କୁଲବେଳର ଜଣେ ଶିକ୍ଷକଙ୍କ କଥା ମନେ ପଡ଼ିଗଲା। ସେ କହିଥିଲେ, ଆନ୍ତରିକତା ଓ ଧୈର୍ଯ୍ୟ ରଖି କଠିନ ପରିଶ୍ରମ କଲେ ସଫଳତା ନିଶ୍ଚିତ ମିଳେ। କଠିନ ଅଧ୍ୟବସାୟ ସହିତ ଦୃଢ଼ ଇଚ୍ଛାଶକ୍ତି ସଫଳତାର ଚାବିକାଠି। ଏହା ପରଠାରୁ କୃପାସିନ୍ଧୁ କଠିନ ପରିଶ୍ରମ କରିବା ସହ ଦୃଢ଼ମନା ହୋଇ ପରୀକ୍ଷା ଦେଇଥିଲେ। ଶେଷରେ ଓ.ଏ.ଏସ୍. ପରୀକ୍ଷାରେ ପଞ୍ଚମ ଥର କୃପାସିନ୍ଧୁଙ୍କୁ ସଫଳତା ମିଳି ପାରିଥିଲା।

ତେଣୁ ପିଲାମାନେ, ନିଜ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ବିକାଶ କରିବାକୁ ଚେଷ୍ଟା ଜାରି ରଖିବା ଦରକାର। ପ୍ରତିଟି ପିଲା ଭିତରେ ଧୈର୍ଯ୍ୟ, ଶ୍ରଦ୍ଧା, ବିଶ୍ୱାସ ଓ ସମର୍ପଣ ଭଳି ଗୁଣ ରହିଲେ ସଫଳତା ନିଶ୍ଚିତ ମିଳିବ। ଦୃଢ଼ମନା ହୋଇ ନିଷ୍ଠା ଓ ଆନ୍ତରିକତାର ସହିତ ଉଦ୍ୟମ ଜାରି ରଖିଲେ ଜୀବନ ଯୁଦ୍ଧରେ ଜୟଲାଭ କରିବା ନିଶ୍ଚିତ।

**–ଶଶଧର ମହନ୍ତୀ**
ବରାଳ ପୋଖରୀ, ଚରମ୍ପା, ଭଦ୍ରକ
ମୋ: ୭୯୭୮୫୦୬୬୪୭


# ଦିନ ବେଳା ଶୋଉଥିଲେ...

ପିଲାମାନେ ଜାଣିଛ କି, ଦିନରେ ଶୋଇବା ଦେହ ପାଇଁ ହାନିକାରକ। ଏହା ବୈଜ୍ଞାନିକମାନେ ଗବେଷଣାରୁ ଜାଣିବାକୁ ପାଇଛନ୍ତି। ସେହି ତଥ୍ୟ ଅନୁସାରେ ଏହା ଆମ ମସ୍ତିଷ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ ଓ ଶରୀରକୁ ଦୁର୍ବଳ ଅନୁଭବ କରାଏ। ଜର୍ନାଲ ଅଫ୍ ନ୍ୟୁରୋସାଇନ୍ସ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଦିନରେ ଶୋଇବା ଯୋଗୁ ମସ୍ତିଷ୍କର ସ୍ନାୟୁକୋଷଗୁଡ଼ିକର ଆକାର ଧୀରେ ଧୀରେ ଛୋଟ ହୋଇଯାଏ। ଶରୀରରେ ହରମୋନର ପରିମାଣ ମଧ୍ୟ କମିଯାଏ। ଯେ କୌଣସି କାର୍ଯ୍ୟ କରିବାକୁ ମାନ୍ଦା ଲାଗେ। ରାତିରେ ନ ଶୋଇବା ଯୋଗୁ ଦିନରେ ନିଦ ଲାଗିଥାଏ। ଗୋଟେ ରାତି ଅନିଦ୍ରା ରହିବା ଦ୍ୱାରା ଆମର ଦୁଇ ଦିନ ସମୟ ନଷ୍ଟ ହୁଏ। ରୋଗ ପ୍ରତିରୋଧକ ଶକ୍ତି କମିଥାଏ, ଉଚ୍ଚ ରକ୍ତଚାପ ହେବା ସହ ରକ୍ତରେ ଥିବା ପ୍ରୋଟିନ୍‌ରେ ମଧ୍ୟ ଏହା ପରିବର୍ତ୍ତନ ଆଣେ ବୋଲି ପ୍ରୋସିଡିଙ୍ଗ୍‌ସ ଅଫ୍ ଦ ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସ ପକ୍ଷରୁ କୁହାଯାଇଛି।

ତୁମ ପଢ଼ିବା ପାଇଁ

# ମୋ ଆଶା

ପିଲାମାନଙ୍କ ପାଇଁ ଶିକ୍ଷଣୀୟ ବିଷୟବସ୍ତୁକୁ ନେଇ ପ୍ରକାଶ ପାଇଛି ତ୍ରୟମାସିକ ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ବର୍ଷା ସଂଖ୍ୟା। ଏଥିରେ ଗପ, କବିତା ଓ ବିଜ୍ଞାନ ସମ୍ପର୍କିତ ଲେଖା ରହିଛି। କୃଷ୍ଣଙ୍କ ଚୋରୀ, ସ୍ୱଭାବ ଯାହାଙ୍କର ଦାନ ଦେବା, ଫୁଲଟିଏ ଫୁଟିଥିଲା, ପିମ୍ପୁଡିମାନଙ୍କର ପ୍ରତିଶ୍ରୁତି ପାଳନ, ଚକରା ବନିଲା ବକରା, ଭିକ୍ଷା, ମଣିଷ ପଣିଆ ଆଦି ଗପଗୁଡିକ ବେଶ୍ ସୁନ୍ଦର ଓ ସରଳଭାବେ ଉପସ୍ଥାପନ କରାଯାଇଛି। ସେହିଭଳି ବରଷା ଗୋ, ବେଙ୍ଗ ଓ ବେଙ୍ଗୁଲି ନାନୀ, ଗଛ ଲଗାଅ, ବୃକ୍ଷ ହିଁ ଜୀବନ ଆଦି ବିଭିନ୍ନ କବିତା ମଧ୍ୟ ଆକର୍ଷଣୀୟ। ଏହା ବ୍ୟତୀତ କୁନି ପ୍ରତିଭା ଏବଂ ସ୍ୱାଧୀନତା ସଂଗ୍ରାମୀ ତଥା ସେଲିବ୍ରିଟିଙ୍କର ପିଲାଦିନ ସମ୍ପର୍କିତ ଲେଖା ମଧ୍ୟ ପଢିବାକୁ ଭଲ ଲାଗୁଛି। କହିବାକୁ ଗଲେ ପ୍ରତି ଲେଖାରେ ପିଲାଙ୍କ ପାଇଁ ଶିକ୍ଷଣୀୟ କଥାକୁ ସୁନ୍ଦର ଶୈଳୀରେ ପ୍ରକାଶ କରାଯାଇଛି। ପିଲାଙ୍କ ପାଇଁ ଉପାଦେୟ ହୋଇ ପାରିଥିବା ଏହି ପତ୍ରିକାଟିର ମୂଲ୍ୟ ରହିଛି ୨୦ ଟଙ୍କା। ଯୋଗାଯୋଗ– ମୋ ଆଶା, ଲିଟିଲ୍ ଷ୍ଟାର୍ ଗ୍ରୁପ୍, ପାଟପୁର, ନିମାପଡ଼ା, ପୁରୀ–୭୫୨୧୦୬





# ମତାମତ

▶▶ ଏଥରର 'ପିଲାଙ୍କ ଧରିତ୍ରୀ'ର ପ୍ରଚ୍ଛଦ ପୃଷ୍ଠାଟି ଆକର୍ଷଣୀୟ ହୋଇଥିଲା।

**–କ୍ରିଷ୍ଣା ପରିଡ଼ା,** ଜୟପୁର, କୋରାପୁଟ

▶▶ 'ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କର ସହନଶୀଳତା' ବିଷୟଟି ମନକୁ ଛୁଇଁଗଲା।


**–ଶାରଦା ମହାରଣା,** ପାଟଣାଗଡ଼, ବଲାଙ୍ଗୀର

▶▶ 'ଆସ ଜାଣିବା' ସ୍ତମ୍ଭରୁ ଭିନ୍ନ ଭିନ୍ନ ଦେଶରେ ଗୁରୁଦିବସ କିପରି ପାଳନ କରାଯାଏ ଜାଣିବାକୁ ପାଇଲି। ଏହା ଆମମାନଙ୍କ ପାଇଁ ବେଶ୍ ଉପାଦେୟ ହୋଇପାରୁଛି।

**–ପ୍ରଗତି ଜେନା,** ବେଗୁନିଆ, ଖୋର୍ଦ୍ଧା

## ରଙ୍ଗ ଦିଅ





“ ଚନ୍ଦ୍ର ଭଳି ସୂର୍ଯ୍ୟ ଦେହରେ କଳଙ୍କ ଥିବା ବିଷୟ ଯାହା କୁହାଯାଇଛି, ତାହାକୁ ୧୬୧୦ ମସିହାରେ ବୈଜ୍ଞାନିକ ଗାଲିଲିଓ ତାଙ୍କ ଦୂରବୀକ୍ଷଣ ଯନ୍ତ୍ରରେ ପ୍ରଥମେ ଦେଖିଥିଲେ ଏବଂ ତା’ ବିଷୟରେ ଗବେଷଣା କରିଥିଲେ। ସୂର୍ଯ୍ୟଙ୍କର ଉଜ୍ଜ୍ୱଳତା ସବୁଠି ସମାନ ନ ଥାଏ। ଯେଉଁ ଅଞ୍ଚଳ ଟିକେ କମ୍ ଉଜ୍ଜ୍ୱଳ, ସେଇଠି କଳା ଦାଗ ଭଳି ଦେଖାଯାଏ।”

# ସୂର୍ଯ୍ୟ ଦେହରେ କଳାଚିହ୍ନ ଦେଖାଯାଏ କାହିଁକି

ଥରେ ରାଉରକେଲା ଇସ୍ପାତ ହାଇସ୍କୁଲରେ ବିଜ୍ଞାନମେଳା ଅନୁଷ୍ଠିତ ହେଉଥାଏ। ସୁନ୍ଦରଗଡ଼ ସରକାରୀ ବାଳିକା ବିଦ୍ୟାଳୟର କିଛି ଛାତ୍ରୀ ସେମାନଙ୍କର ଦୁଇ ଜଣ ଶିକ୍ଷୟିତ୍ରୀଙ୍କ ସହ ବିଜ୍ଞାନମେଳା ଦେଖିବାକୁ ଆସିଥାଆନ୍ତି। ସେମାନଙ୍କୁ ଛଅଟି ଦଳରେ ବିଭକ୍ତ କରି ବିଜ୍ଞାନମେଳାକୁ ଭଲ ଭାବରେ ଦେଖିବାକୁ ଶିକ୍ଷୟିତ୍ରୀମାନେ କହିଥିଲେ। ଗୋଟିଏ ଦଳ ଯେତେବେଳେ ମହାକାଶ ବିଜ୍ଞାନ ଲେଖାଯାଇଥିବା କୋଠରିକୁ ଗଲେ, ସେତେବେଳେ ସୌରକଳଙ୍କ ନାମ ଥିବା ଏକ ପ୍ରକଳ୍ପ ନିକଟକୁ ଯାଇ ଦେଖିଲେ ଯେ, ଗୋଟିଏ ଗୋଲାକାର ବସ୍ତୁକୁ ବିଦ୍ୟୁତ୍ ମୋଟର ସାହାଯ୍ୟରେ ଚକ୍ରାକାରରେ ଘୁରାଯାଉଛି ଓ ବିଦ୍ୟୁତ୍ ଆଲୁଅ ଦ୍ୱାରା ତାହା ତେଜୀୟାନ ହୋଇ ସୂର୍ଯ୍ୟ ଭଳି ଦେଖାଯାଉଛି। ତା’ ଆଗରେ ଗୋଟିଏ ଦୂରବୀକ୍ଷଣ ଯନ୍ତ୍ର ରଖାଯାଇ ତାକୁ ଦେଖିବାକୁ କୁହାଯାଉଛି। ଉକ୍ତ ଦଳର ମିତା ପଚାରିଲା, ‘ଭଉଣୀ, ମୋ ଆଖିରେ ସୂର୍ଯ୍ୟ ଭଳି ଗୋଲାକାର ପଦାର୍ଥ ଭିତରେ କଳା କଳା ଦାଗ ଦେଖାଗଲା, ତାହା କ’ଣ ?’ ପ୍ରଦର୍ଶନକାରୀ କହିଲେ, ଏହାକୁ ‘ସୌରକଳଙ୍କ’ କୁହାଯାଏ। ଗୀତା ପୁଣି ପଚାରିଲା, ମୋତେ ଏହି ସୌରକଳଙ୍କ ବିଷୟରେ ଟିକେ ବୁଝାଇଦିଅ। ତା’ପରେ ପ୍ରଦର୍ଶନକାରୀ କହିଲେ, ଏହି ଚାର୍ଟକୁ ଲକ୍ଷ୍ୟ କର। ଆମ ପୃଥିବୀଠାରୁ ସୂର୍ଯ୍ୟର ଦୂରତା ହେଉଛି ୧୫ କୋଟି କି.ମି.। ଏହି ସୂର୍ଯ୍ୟ ଏକ ଜ୍ୱଳନ୍ତ ଅଗ୍ନିପିଣ୍ଡ। ସୂର୍ଯ୍ୟର ଉପରିଭାଗର ଉତ୍ତାପ ୬୦୦୦ ଡିଗ୍ରୀ ସେଣ୍ଟିଗ୍ରେଡ୍, କିନ୍ତୁ ତାହାର ଭିତର ଭାଗର ଉତ୍ତାପ ପ୍ରାୟ ଦୁଇ କୋଟି ଡିଗ୍ରୀ ସେଣ୍ଟିଗ୍ରେଡ୍। ପୃଥିବୀର ଆୟତନଠାରୁ ଏହା ୧୩ ଲକ୍ଷ ଗୁଣ ବଡ଼, ଅର୍ଥାତ୍ ୧୩ ଲକ୍ଷଟି ପୃଥିବୀ ସୂର୍ଯ୍ୟ ଭିତରେ ରହିଯାଇପାରିବ। ପୁଣି ସୂର୍ଯ୍ୟପୃଷ୍ଠରେ ଥିବା ମାଧ୍ୟାକର୍ଷଣ ଶକ୍ତି ପୃଥିବୀର ମାଧ୍ୟାକର୍ଷଣ ଶକ୍ତିଠାରୁ ୨୮ ଗୁଣ ଅଧିକ। ସୂର୍ଯ୍ୟର ଓଜନ ପୃଥିବୀ ଓଜନଠାରୁ ୩ ଲକ୍ଷ ୩୩ ହଜାର ଗୁଣ ଅଧିକ।



ଏହି ସମୟରେ ଅନ୍ୟ ଜଣେ ଛାତ୍ରୀ ପଚାରିଲେ– ସୂର୍ଯ୍ୟଙ୍କର ଏହି କଳା କଳା କଳଙ୍କ କ’ଣ ? ଏହାର ଉତ୍ତର ପାଖରେ ଠିଆ ହୋଇଥିବା ସେହି ସ୍କୁଲର ଜଣେ ଶିକ୍ଷୟିତ୍ରୀ ଦେବାକୁ ଯାଇ କହିଲେ– ‘ପିଲାଏ ଶୁଣ, ସୂର୍ଯ୍ୟଙ୍କଠାରେ ଥିବା କଳା ଦାଗ ଜାଣିବା ପୂର୍ବରୁ ସୂର୍ଯ୍ୟଙ୍କଠାରେ ଉତ୍ତାପ କିପରି ସୃଷ୍ଟି ହେଲା ଜାଣିବାକୁ ହୋଇଥାଏ। ତୁମେମାନେ ପାଠ ବହିରେ ପଢ଼ିଥିବ ଯେ, ସୂର୍ଯ୍ୟଙ୍କ ଦେହରେ ଅସଂଖ୍ୟ ଉଦ୍‌ଜାନ ଅଛି। ଏହି ଉଦ୍‌ଜାନ ବାଷ୍ପର ବିଭାଜନ ଘଟିଥାଏ। ଗୋଟିଏ ଉଦ୍‌ଜାନ ଅଣୁ ଦୁଇଟି ଉଦ୍‌ଜାନ ପରମାଣୁରେ ବିଘଟିତ ହୋଇଥାଏ। ଏହାକୁ ‘ଫିସନ୍’ ପ୍ରକ୍ରିୟା କୁହାଯାଏ। ଏହାଫଳରେ ବିପୁଳ ପରିମାଣର ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହୁଏ ଓ ତାହା ସୂର୍ଯ୍ୟର ଉପରିଭାଗକୁ ଆଲୋକ ଆକାରରେ ଚାଲିଆସେ। ଏହି ଅବସ୍ଥାରେ ଅନ୍ୟାନ୍ୟ ନକ୍ଷତ୍ର ପରି ସୂର୍ଯ୍ୟ ଭିତରେ ଥିବା ଉଜ୍ଜ୍ୱଳ ଅଣୁଗୁଡ଼ିକ ବିଭିନ୍ନ ରଙ୍ଗ ଧାରଣ କରନ୍ତି। ଏହି ରଙ୍ଗଗୁଡ଼ିକ ଶକ୍ତିଶାଳୀ କ୍ୟାମେରାରେ ଉଠାଇ ରଙ୍ଗଗୁଡ଼ିକୁ ବିଶ୍ଳେଷଣ କରି ସୂର୍ଯ୍ୟର ଉତ୍ତାପ ଓ ଉଜ୍ଜ୍ୱଳତାର ପରିମାଣ ଜଣାପଡ଼େ। ସୂର୍ଯ୍ୟଙ୍କଠାରେ ଉଦ୍‌ଜାନ ବ୍ୟତୀତ ହିଲିୟମ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ଆଦି ରହିଛି। ହେଲେ ସେଗୁଡ଼ିକ ବାଷ୍ପୀୟ ଆକାରରେ ରହିଛି।

କିଛି ସମୟ ବିଶ୍ରାମ ନେଇ ପୁଣି ଥରେ ଶିକ୍ଷୟିତ୍ରୀ କହିଲେ– ପିଲାଏ, ସୂର୍ଯ୍ୟଙ୍କ ବିଷୟରେ ଆହୁରି ଅନେକ ରୋଚକ ତଥ୍ୟ ରହିଛି। ତୁମେ ସେ ବିଷୟରେ ଜାଣିବା ଦରକାର। ଚନ୍ଦ୍ର ଭଳି ସୂର୍ଯ୍ୟ ଦେହରେ କଳଙ୍କ ଥିବା ବିଷୟ ଯାହା କୁହାଯାଇଛି, ତାହାକୁ ୧୬୧୦ ମସିହାରେ ବୈଜ୍ଞାନିକ ଗାଲିଲିଓ ତାଙ୍କ ଦୂରବୀକ୍ଷଣ ଯନ୍ତ୍ରରେ ପ୍ରଥମେ ଦେଖିଥିଲେ ଏବଂ ତା’ ବିଷୟରେ ଗବେଷଣା କରିଥିଲେ। ସୂର୍ଯ୍ୟଙ୍କର ଉଜ୍ଜ୍ୱଳତା ସବୁଠି ସମାନ ନ ଥାଏ। ଯେଉଁ ଅଞ୍ଚଳ ଟିକେ କମ୍ ଉଜ୍ଜ୍ୱଳ, ସେଇଠି କଳା ଦାଗ ଭଳି ଦେଖାଯାଏ। ଯେପରି କି ଗୋଟିଏ ଖାଲୁଆ ଅଞ୍ଚଳରେ ଆଲୋକ ପଡ଼ୁ ନ ଥିବା ଯୋଗୁ ସେହି ଅଞ୍ଚଳଟି ଅନ୍ଧାର ଦେଖାଯାଏ। ଠିକ୍ ସେହିପରି ସୂର୍ଯ୍ୟପୃଷ୍ଠରେ ମଧ୍ୟ କଳା ଦାଗ ଥିବାର ଦେଖାଯାଏ। ପୁଣି ସୂର୍ଯ୍ୟଙ୍କ ଦେହରେ ଚୁମ୍ବକୀୟ ଶକ୍ତି ରହିଛି। ଯେଉଁ ସ୍ଥାନରେ ଚୁମ୍ବକୀୟ ଶକ୍ତିର ତୀବ୍ରତା ଅଧିକ, ସେଠାରେ ତାପ ଶକ୍ତି ଅଧିକ ସଞ୍ଚିତ ହୋଇ ରହିଥାଏ ଓ ଧୀରେ ଧୀରେ ତାପମାତ୍ରା ହ୍ରାସ ଘଟେ। ତେଣୁ ସେ ଅଞ୍ଚଳରେ ସୌରକଳଙ୍କ ଦେଖାଯାଏ। ସୌରକଳଙ୍କର ତାପମାତ୍ରା ପ୍ରାୟ ୬୫୦୦ ଡିଗ୍ରୀ ଫାରେନାଇଟ୍।

ସୂର୍ଯ୍ୟଙ୍କ ଦେହରେ ଏହି କଳା ଚିହ୍ନଗୁଡ଼ିକ ପ୍ରାୟ ୧୧ ବର୍ଷ ପର୍ଯ୍ୟନ୍ତ ରହେ। ପ୍ରଥମ ଛଅ ବର୍ଷ ଏହି ଚିହ୍ନ ଧୀରେ ଧୀରେ କମେ ଓ ପରବର୍ତ୍ତୀ ପାଞ୍ଚ ବର୍ଷରେ ତାହା ବୃଦ୍ଧି ପାଇଥାଏ। ଆହୁରି ଆଶ୍ଚର୍ଯ୍ୟର କଥା ହେଉଛି ଯେ, ଏହି କଳା ଦାଗଗୁଡ଼ିକର ଲମ୍ବ ୧ ଲକ୍ଷ ୫୦ ହଜାର କି.ମି. ଏବଂ ଏହାର ଓସାର ୧ ଲକ୍ଷ କିମି।

ଏପରି ଆଲୋଚନା ଶେଷ ହେଲା ବେଳକୁ ଘରକୁ ଫେରିବାର ସମୟ ପାଖେଇ ଆସିଥାଏ। ପିଲାମାନେ ସେହି ଶିକ୍ଷୟିତ୍ରୀଙ୍କୁ ପ୍ରଣାମ କରି ଧନ୍ୟବାଦ ଦେବାକୁ ପଛାଇ ନ ଥିଲେ।

**–ବିନୋଦ ଚନ୍ଦ୍ର ଜେନା**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଭିକ୍ଟୋରି କଲୋନୀ, ପାରଳାଖେମୁଣ୍ଡି, ଗଜପତି
ମୋ : ୯୪୩୮୦୭୪୪୬୪





୧

ପ୍ରତୀକ୍ଷା ମହାପାତ୍ର
କ୍ଲାସ- ୫, କେନ୍ଦ୍ରୀୟ ବିଦ୍ୟାଳୟ, ଜଗତ୍‌ସିଂହପୁର



୨

ବନ୍ଦନା ଦାସ
କ୍ଲାସ- ୨, କିଟ୍ ଇଣ୍ଟର ନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର



୩

ସେଫାଳି ପ୍ରିୟଦର୍ଶିନୀ
କ୍ଲାସ-୬, ଡିଏଭି ପବ୍ଲିକ ସ୍କୁଲ, ଭୁବନେଶ୍ୱର



୪

ପ୍ରୀତିପ୍ରଜ୍ଞା ଜେନା
କ୍ଲାସ- ୪, ଷ୍ଟିୱାର୍ଟ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର



୫

ଦୀପାନ୍ୱିତା ଜେନା
କ୍ଲାସ-୬, ଡିଏଭି ପି.ଟି.ଏସ.ଆର୍ ପବ୍ଲିକ୍ ସ୍କୁଲ, ଭଞ୍ଜନଗର, ଗଞ୍ଜାମ



୬

ଅନନ୍ୟା ରୁପାଲୀ ତ୍ରିପାଠୀ
କ୍ଲାସ-୮, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋବିନ୍ଦପାଲ୍ଲୀ, ମାଲକାନାଗିରି



୭

ସୋହନ ଘୋଷ
କ୍ଲାସ- ୫, ବିଜେଇଏମ୍ ସ୍କୁଲ, ସତ୍ୟଭାମାପୁର, ଭୁବନେଶ୍ୱର



୮

ଆଦିତ୍ୟ ପ୍ରଭୁପ୍ରସାଦ ସାହୁ
କ୍ଲାସ- ୨, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ଟଙ୍କପାଣି ରୋଡ୍, ଭୁବନେଶ୍ୱର




୯


ଅରିନ୍ଦମ୍ ପଣ୍ଡା
କ୍ଲାସ-୮, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର




୧



୨




୩




୪



୫




୬



୭




୮



୯

# କୁନି ମ୍ୟାଥ୍ ଜିନିୟସ୍

ଗିନିଜ୍ ୱାର୍ଲ୍ଡ ରେକର୍ଡ

ପିଲାମାନେ ତୁମେମାନେ ଅଳ୍ପ ସମୟ ଭିତରେ ମ୍ୟାଥ୍ ସଲଭ୍ କରିପାରିବ ? ଜଣେ ୧୦ବର୍ଷୀୟ ବାଳକ ଏକ ମିନିଟ୍‌ରେ ୧୯୬ଟି ଗଣିତ ସମାଧାନ କରି ଗିନିଜ୍ ରେକର୍ଡ ସୃଷ୍ଟି କରିଛନ୍ତି । ସେ ହେଉଛନ୍ତି ଇଂଲଣ୍ଡର ନାଡୁବ୍ ଗିଲ୍ । ଟାଇମ୍ ଟେବୁଲ୍ ରକ୍ ଷ୍ଟାର ଏକ ଅନଲାଇନ୍ ମ୍ୟାଥ୍ ଟେବୁଲ୍ ଲର୍ଣ୍ଣିଙ୍ଗ ଆପ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ମିନିଟ୍‌ରେ ମ୍ୟାଥ୍ ସଲଭ୍ କରିବା




ପାଇଁ ଚ୍ୟାଲେଞ୍ଜ ଦିଆଯାଇଥିଲା । ନାଡୁବ୍ ଏହି ପ୍ରତିଯୋଗିତାରେ ୧ମିନିଟ୍ ମଧ୍ୟରେ ୧୯୬ ପ୍ରଶ୍ନର ଉତ୍ତର ଦେଇଥିଲେ । ଆଶ୍ଚର୍ଯ୍ୟକର କଥା ହେଉଛି ସେ ଏକ ସେକେଣ୍ଡରେ ୩ଟି ପ୍ରଶ୍ନର ଉତ୍ତର ଦେଉଥିଲେ ଏବଂ ସେଥି ମଧ୍ୟରୁ ଗୋଟିଏ ବି ଭୁଲ ଉତ୍ତର ଦେଇନାହାନ୍ତି । ଏହି ପ୍ରତିଯୋଗିତାରେ ୭୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । କିନ୍ତୁ ନାଡୁବ୍ ସମସ୍ତଙ୍କ ଠାରୁ ବାଜିମାତ୍ କରିଥିଲେ ।

# ଏଥରର




- କେଉଁ ରାଜା ଚଣ୍ଡାଶୋକରୁ ଧର୍ମାଶୋକକୁ ରୂପାନ୍ତରିତ ହୋଇଥିଲେ ?
- ଗୌତମ ବୁଦ୍ଧଙ୍କ ବାଲ୍ୟ ନାମ କ'ଣ ଥିଲା ?
- କାହାକୁ ଝାନ୍‌ସୀର ରାଣୀ ବୋଲି କୁହାଯାଏ ?
- ମୋଗଲ ସାମ୍ରାଜ୍ୟର ଶେଷ ସମ୍ରାଟ କିଏ ଥିଲେ ?
- ମୌର୍ଯ୍ୟ ବଂଶର ପ୍ରତିଷ୍ଠାତା କିଏ ଥିଲେ ?

ଉ ଉ ଉ

## ଗତଥରର

- ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣ
- ୧୯୬୨
- ସାନ୍ଦିପନୀ ମୁନୀ
- ସାବିତ୍ରୀବାଈ ଫୁଲେ
- ୪୬



କ ବି ତା



## ବହିଟିଏ ମୋତେ କର

ବହିଟିଏ ମୋତେ କର ମହାପ୍ରଭୁ
ବହିଟିଏ ମୋତେ କର,
ସଭିଙ୍କର ସେବା କରୁଥିବି ନିତି
ନ ଭାବି ଆପଣା ପର ।
ଗଣିତ, ଜ୍ୟାମିତି, ଭାଷା, ପରିବେଶ
ଇତିହାସ ଓ ବିଜ୍ଞାନ,
ଭୂଗୋଳ, ଇଂଲିଶ୍ ସାଥେ ବ୍ୟାକରଣ
ମୋ' ଦେହେ ପାଇବ ସ୍ଥାନ ।
କେତେବେଳେ ଥିବି ଶିଶୁ ବସ୍ତାନିରେ
କେବେ ଶିକ୍ଷକ ହସ୍ତରେ,
କେବେ ଥିବି ପୁଣି ପଢ଼ା ଟେବୁଲରେ
କେବେ ଥିବି ପାଠାଗାରେ ।
ଯେଉଁଠି ଥାଏ, କାମ ମୋ ଗୋଟିଏ
ବିତରିବି ସଦା ଜ୍ଞାନ,
ଯୁଗ ଯୁଗ ପାଇଁ ବହିଟିଏ ମୋତେ
କରିଦିଅ ଭଗବାନ ।

-ମାଧବୀଲତା ଦେଇ
ମୋ: ୯୬୯୨୪୮୩୩୭୭

## ଶିଖିବା କଥା

ଆକାଶ ସାରା କୋଟିଏ ତାରା
ଜହ୍ନ ମାମୁଁ ତ ଜଣେ
କୋଟିଏ ଠାରୁ ଗୋଟିଏ ଭଲ
ଯେ ଉପକାର କରି ଜାଣେ ।
ପର ପାଇଁ ଯା ଜୀବନ କାନ୍ଦେ
ସେ ଏକା ସିନା ବଡ଼
ଯେ ଥାଏ ପର ଉପକାରେ
ସେ ଜିଣି ପାରେ ଗଡ ।
ପାଠ ପଢ଼ିଲେ ଜାଣିବା ଆମେ
ଉପକାରର କଥା
ବଢ଼େଇ ଦେବା ସାହାଯ୍ୟ ହାତ
ନଇଁବ ନାହିଁ ମଥା ।
ଆସରେ ଭାଇ ଆସ ଭଉଣୀ
କରିବା ଉପକାର
ଅନିଷ୍ଟ କେବେ କରିବା ନାହିଁ
ଆମେରେ ଶ୍ରେଷ୍ଠ ନର ।

-ଜିତୁ ପ୍ରଧାନ
କୁଷାପାଣ୍ଡେରୀ, ନୟାଗଡ଼
ମୋ: ୭୬୮୧୦୪୮୬୪

## ମୋ ମାଟି

ତ୍ୟାଗ ସାହସର ମାଟି ଏଇ ମୋର
ଅପୂର୍ବ ସମ୍ଭାର ନେଇ
ପୃଥିବୀ ବକ୍ଷରେ କାହିଁ କେତେ ଦିନୁ
ଅଖଣ୍ଡ ହୋଇଛି ରହି ।
ଭାବନା ନେତ୍ରରେ ଦେଖ ଥରେ ତୁମେ
ଶତ୍ରୁ ତୁମ କେହି ନାହିଁ
ସଭିଏଁ ଭାରତ ଗରଭୁ ଜନମ
ଭାଇ ବୋଲି ଦିଅ କହି ।
ମୋ'ର ମୋ'ର କହି ଅହଂ
ଭାବନାରେ
ବିପ୍ଲବୀ ହୁଅନା ତୁହି
ଦେଶ ସେବା ପାଇଁ ବିପ୍ଳବ କର ତୁ
ନିଜ ସ୍ୱାର୍ଥ ବଳି ଦେଇ ।
ପଚାର ପଚାର ଏ ତରୁ ଅମ୍ବର
ସଭିଏଁ ଦେବେରେ କହି
ଦେଶ ମାତୃକାରେ ଯା ପ୍ରାଣ ଯାଇଛି
ରହିଛି ଅମର ହେଇ ।

-ନବ କୁମାର ଦାସ
ସୁରଡ଼ିହା, ବାଲିଆପାଳ, ବାଲେଶ୍ୱର

## ଗଛ



ଗଛ ଥିଲେ ସିନା ଜୀବନ ହସିବ
ମିଳୁଥିବ ଅମ୍ଳଜାନ
ଅମ୍ଳଜାନ ଯେବେ ଅଭାବ ହୋଇବ
ଜୀବନ ହେବ ବିପନ୍ନ ।
ଗଛ ବୁଝେ ନାହିଁ ଶତ୍ରୁ ମିତ୍ର କିଏ
ଫୁଲ ଫଳ ଦାନ କରେ
ମହତପଣିଆ ଗଛଠୁଁ ଶିଖିବା
ବାନ୍ଧି ଥାଏ ପ୍ରେମ ଡୋରେ ।
ଉଚ୍ଚ ଆକାଶରେ ଉଡ଼ି ଯିବା ପକ୍ଷୀ
ଥକ୍କା ମାରେ ଗଛ ଡାଳେ
ଖରା,ବର୍ଷା ଶୀତ ବାଧକ ହୁଏନି
ଆନନ୍ଦ ମନରେ ଖେଳେ ।
ଗଛକୁ କାଟିବା ବଡ଼ ଅପରାଧ
ଏକଥା ମନରେ ରଖି
ପାପ, ପୁଣ୍ୟ କଥା ଚିନ୍ତା କର ଥରେ
ଖୋଲି ଯିବ ତୁମ ଆଖି ।

-ସୁଧୀର କୁମାର ଦାସ
ତରାବୋଇ, ଜଟଣୀ, ଖୋର୍ଦ୍ଧା
ମୋ:୯୩୩୭୩୩୫୮୩୮

## କହିଲ ଦେଖି

କଞ୍ଚା ବେଳେ ତରକାରି ମୁଁ ହୁଏ
ପାଚିଲେ ଭକତ ମନ୍ଦିର ନିଏ
ପ୍ରତ୍ୟେକ ପୂଜାକୁ ମୁଁ ଆଗ ଯାଏ
ହଳଦିଆ ଚୋପା ଭିତରେ ଥାଏ
ଛଡ଼େଇଲେ ମତେ ସହଜେ ପାଏ
କହିକି ପାରିବ ମୋ ନାମ କିଏ ?



ଉ: କଦଳୀ

ତିନୋଟି କଣ୍ଟାରେ ଖେଳ ମୁଁ କରେ
ଏକ ଠାରୁ ବାର ଯାଏଁ ମୁଁ ଘୂରେ
ଥାଏ କେବେ ମୁହିଁ କାହା ହାତରେ
ପୁଣି କେବେ ଟଙ୍ଗା ହୁଏ କାନ୍ଥରେ
ଟିକ୍ ଟିକ୍ ମୋର ଶବଦ କରେ
କହି ଦିଅ ତେବେ ମୋ ନାମଟିରେ ?



ଉ: ଘଡ଼ି

ବସନ୍ତ ଋତୁରେ ମୋ କୁହୁ ଭାସେ
ମୋ ତାନରେ ସାରା ଜଙ୍ଗଲ ହସେ
ମୋ ରୂପଟି କଳା ଉଡ଼େ ଆକାଶେ
ଆମ୍ବ ବଉଳିଲେ ମୁଁ ଡାଳେ ବସେ
ଋତୁରାଜ ସହ ମୁଁ ପରା ଆସେ
କହିପାରିବ ମୋ ନାଆଁ କିଏ ସେ ?



ଉ: କୋଇଲି

ମୋଦେହରେ ଥାଏ ଦୁଇଟି ଚକ
ବିନା ତେଲରେ ମୁଁ ଚାଲେ ଅନେକ
ପେଡାଲ ମାରିଣ ଚଳାନ୍ତି ଲୋକ
ଘଣ୍ଟି ଟିଙ୍ଗ୍ ଟିଙ୍ଗ୍ କରେ ଚାଳକ
ସାଇକେଲ ରୁହେ ଜୀବନ ଯାକ
କୁହ ମୋର ନାମ କିସ ବାଳକ ?



ଉ: ସାଇକେଲ

-ଅମରନାଥ ବାରିକ
କୟାଁ, ମଙ୍ଗଳପୁର, ଯାଜପୁର
ମୋ: ୯୫୪୦୩୦୮୦୯୫

## ଜିଭରେ ଶୁଙ୍ଘେ ଝିଟିପିଟି

ଝିଟିପିଟି ଜିଭ ସାହାଯ୍ୟରେ କୌଣସି ଜିନିଷକୁ ଶୁଙ୍ଘି ତା' ସମ୍ବନ୍ଧରେ ଜାଣିପାରେ । ଏଥିପାଇଁ ସେ ବାରମ୍ବାର ଜିଭକୁ ବାହାରକୁ କାଢ଼ିଥାଏ । ପୃଥିବୀରେ ପ୍ରାୟ ୬୦୦୦ ପ୍ରଜାତିର ଝିଟିପିଟି ଦେଖାଯାନ୍ତି ।





## ଲେଡି ବଗ୍‌ର ରଙ୍ଗ

ଗୋଟେ ଲେଡି ବଗ୍ ତା' ଜୀବନକାଳ ମଧ୍ୟରେ ୫୦୦୦ରୁ ଅଧିକ ପୋକ ଖାଇଥାଏ । ଏମାନଙ୍କର ୬ଟି ଗୋଡ ରହିଛି । ପ୍ରଜାତି ଅନୁସାରେ ସେମାନଙ୍କର ପିଠିରେ ବିଭିନ୍ନ ରଙ୍ଗ ଏବଂ ଦାଗ ଦେଖିବାକୁ ମିଳିଥାଏ । ସାଧାରଣତଃ କଳା ଓ ନାଲି ରଙ୍ଗ ଲେଡି ବଗ୍ ବେଶି ଦେଖାଯାନ୍ତି ।




## କାଉଙ୍କ ପ୍ରଜାତି

ଆଣ୍ଟାର୍କଟିକାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ମହାଦେଶରେ କାଉ ଦେଖାଯାନ୍ତି । ଏମାନେ ସବୁ ପ୍ରକାର ଖାଦ୍ୟ ଖାଇଥା'ନ୍ତି । ନିଜ ରାବ (କା-କା)କୁ ଅନୁସରଣ କରି ସେମାନେ ସାଥୀମାନଙ୍କୁ ଠାବ କରିଥାଆନ୍ତି । ପକ୍ଷୀମାନଙ୍କ ମଧ୍ୟରେ କାଉ ହେଉଛି ସବୁଠାରୁ ଚତୁର । ସେ ସଂଗ୍ରହ କରିଥିବା ଖାଦ୍ୟକୁ ଚତୁରତାର ସହ ପ୍ରାୟ ୨-୩ ଦିନ ପର୍ଯ୍ୟନ୍ତ ରଖି ତାକୁ ପରେ ଗ୍ରହଣ କରିଥାଏ ।

## କ'ଣ ଖାଏ ପେଙ୍ଗୁଇନ୍

ପେଙ୍ଗୁଇନ୍ ସାଧାରଣତଃ ମାଂସାହାରୀ । ଏକ ବୟସ୍କ ପେଙ୍ଗୁଇନ୍ ଶରୀରର ଲମ୍ବ ୧୦ରୁ ୧୨ଇଞ୍ଚ ହୋଇଥିବା ବେଳେ ଓଜନ ପାଖାପାଖି ୨.୨-୩.୩ ପାଉଣ୍ଡ ହୋଇଥାଏ । ପାଣି ଭିତରେ ଏମାନଙ୍କ ଗ୍ରୁପ୍‌କୁ 'ରାଫ୍ଟ' ଏବଂ ସ୍ଥଳ ଭାଗରେ 'ୱାଡେଲ୍' ବୋଲି କୁହାଯାଏ । ପେଙ୍ଗୁଇନ୍‌ମାନେ ଅଧିକ ବାଟ ଚାଲି ପାରନ୍ତି । ନ୍ୟୁଜିଲାଣ୍ଡ, ଚିଲି, ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା ଏବଂ ଦକ୍ଷିଣ ଆଫ୍ରିକାରେ ଏମାନେ ଅଧିକ ସଂଖ୍ୟାରେ ଦେଖାଯାନ୍ତି ।





## ମାଙ୍କଡ଼ର ଓଜନ

ମାଣ୍ଡ୍ରିଲ୍ ପ୍ରଜାତିର ମାଙ୍କଡ଼ଙ୍କ ଓଜନ ପ୍ରାୟ ୧୧୯ ପାଉଣ୍ଡ ହୋଇଥାଏ । ବିଶ୍ୱରେ ପ୍ରାୟ ୨୬୪ ପ୍ରଜାତିର ମାଙ୍କଡ ଅଛନ୍ତି । ମାଣ୍ଡ୍ରିଲ ପ୍ରଜାତି ମାଙ୍କଡଙ୍କ ଗ୍ରୁପ୍‌କୁ 'ହୋର୍ଡସ' ବୋଲି କୁହାଯାଏ । ଏମାନେ ସାଧାରଣତଃ ଫଳ,ମୂଳ ଓ ପୋକ ଖାଆନ୍ତି । ତାଙ୍କର ବିଭିନ୍ନ ପ୍ରକାର ଫଳ ଖାଇବା ବେଶି ପସନ୍ଦ । ଏମାନଙ୍କର ରଙ୍ଗ ବ୍ରାଉନ୍, ଗ୍ରେ, କଳା, ଧଳା ଏବଂ ଟ୍ୟାନ୍ ହୋଇଥାଏ ।

# ଆ ଇ ନା



ପ୍ରିୟାଂଶା ଜେନା
୩ ବର୍ଷ / ଭୁବନେଶ୍ୱର



ଆୟାଂଶୀ ଆରାଲିନ୍
୫ ବର୍ଷ / ଭୁବନେଶ୍ୱର